**ସଂକ୍ଷେପରେ**

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

କୋରୁକୋଣ୍ଡା,୧୩।୭(ଡି.ଏନ୍.ଏ.):କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଏମ୍‌ଭି-୩୧ ଗ୍ରାମ ନିକଟସ୍ଥ ନାଳରେ ମଙ୍ଗଳବାର ଭାସିଯାଇ ନିଖୋଜ ଥିବା ଜଗବନ୍ଧୁଙ୍କ ମୃତଦେହକୁ ବୁଧବାର ସକାଳେ କୋରୁକୋଣ୍ଡା ଅଗ୍ନିଶମ ବାହିନୀ ଜବତ କରିଛନ୍ତି। ଉକ୍ତ ନାଳରୁ ମାଛ ଧରିବା ପାଇଁ ଜଗବନ୍ଧୁ ଗୌଡ଼ (୩୫) ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ପାଇ ନାଳରେ ଭାସିଯାଇଥିବା ସନ୍ଦେହକରି କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ ସେତେବେଳକୁ ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖିଥିଲେ। ବୁଧବାର ସକାଳେ ଅଗ୍ନିଶମ କର୍ମଚାରୀ ନାଳରେ ଖୋଜା ଖୋଜି କରିଥିଲେ। ପ୍ରାୟ ଘଣ୍ଟାଏ ଧରି ଖୋଜାଖୋଜି କରିବା ପରେ ଜଗବନ୍ଧୁଙ୍କ ମୃତଦେହ ନାଳଠାରୁ ୨ଶହ ମିଟର ଦୂରରେ ଥିବା ଏକ ବୁଦାମୂଳରୁ ପାଇଥିଲେ। ପରେ ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସବାର କହିଛନ୍ତି।

## ବ୍ୟାଙ୍କରୁ ଚୋରି ଉଦ୍ୟମ ପଣ୍ଡ

ଚିତ୍ରକୋଣ୍ଡା,୧୩।୭(ଡି.ଏନ.ଏ.)- ଚିତ୍ରକୋଣ୍ଡା ଅଞ୍ଚଳରେ ଗତ କିଛି ଦିନ ହେଲା ଚୋରି ବଢ଼ିବାରେ ଲାଗିଛି। ମଙ୍ଗଳବାର ରାତିରେ ୨ଟି ଜାଗାରୁ ଚୋରି କରିବାକୁ ଉଦ୍ୟମ କରି ବିଫଳ ଚୋରମାନେ ବିଫଳ ହୋଇଛନ୍ତି। ଚିତ୍ରକୋଣ୍ଡାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ତାଲା ଭାଙ୍ଗି, କ୍ୟାମେରା ଭାଙ୍ଗି ବ୍ୟାଙ୍କ ଭିତରେ ଚୋରମାନେ ପଶିଥିଲେ। ମାତ୍ର କିଛି ବ୍ୟାଙ୍କ ଭିତରୁ ନେଇପାରି ନ ଥିଲେ। ଅନୁରୂପ ଭାବେ ଚୋରମାନେ ଗୋଟିଏ କିଓସ୍କ ବ୍ୟାଙ୍କର ତାଲା ଭାଙ୍ଗି ଭିତରେ ପଶିଥିଲେ ମଧ କିଛି ନେଇପାରିନାହାନ୍ତି। ଗୋଟିଏ ରାତିରେ ଦୁଇଟି ଜାଗାରୁ ଚୋରି ଉଦ୍ୟମ କରି ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। କିଛିଦିନ ତଳେ ବ୍ୟାଙ୍କ ପାଖ ଗୋଟିଏ ରାଶନ ଦୋକାନରୁ ଦୁଇ ଥର ଚୋରି ଉଦ୍ୟମ କରିଥିଲେ। ଗୋଟିଏ ଥର ଦୋକାନରୁ କିଛି ଟଙ୍କା ଆଉ ଜିନିଷ ନେଇଯାଇଥିଲେ ଓ ଆଉ ଗୋଟିଏ ଥର କିଛି ପାଇ ନ ଥିଲେ। ଏପରି ଚୋରି ନେଇ ଚିତ୍ରକୋଣ୍ଡା ଅଞ୍ଚଳରେ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲୋକମାନେ ଘର ଛାଡ଼ି ବାହାରକୁ ଯିବାପାଇଁ ଭୟ କରୁଛନ୍ତି। ପୋଲିସ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ



ଜୟପୁର, ୧୩।୭ (ନି.ପ୍ର.): ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଜୟପୁର ହାଟପଦାର ହରିଶ ଚନ୍ଦ୍ର ଗାଧବା (୨୦)। ହରିଶ ସମ୍ପୃକ୍ତା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କସହ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏମ୍‌ପି ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୧୩।୭ (ଡି.ଏନ୍.ଏ.)- ଗତ ତିନି ଦିନ ତଳେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମାଲକାନଗିରି ପୌର ପରିଷଦ ପାଇଁ ସାଂସଦ ପ୍ରତିନିଧି ଭାବେ କୃଷ୍ଣଚନ୍ଦ୍ର ପାଲଙ୍କୁ ମନୋନୀତ କରିଥିଲେ। ବୁଧବାର ତାଙ୍କୁ ମାଲକାନଗିରି ଜିଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡ କାର୍ଯ୍ୟାଳୟ ପରିସରରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବସଷ୍ଟାଣ୍ଡର ଉନ୍ନତି, ପାନୀୟ ଜଳ, ଆଲୋକ, ଯାତ୍ରୀ ବିଶ୍ରାମାଗାର ଆଦି ସମସ୍ୟା ସମ୍ପର୍କରେ ପାଲଙ୍କୁ ଅବଗତ କରାଯାଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷ ମନୋଜ ବାରିକଙ୍କ ସହ ସଂଘର କର୍ମକର୍ତ୍ତା ଅଶୋକ ରାଉତ, ଛବି ଦାସ, ସନ୍ତୋଷ ପାଣିଗ୍ରାହୀ, ସୁବାଷ ବିଶୋୟୀ, କ୍ରିଷ୍ଣା ସିଂ, ବୁଢ଼ା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ମାଲକାନଗିରି,୧୩।୭(ଡି.ଏନ୍.ଏ.)



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ମାଲକାନଗିରିରୁ କାଲିମେଳାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରରୁ ଜଣାପଡିଛି, ମାଲକାନଗିର–କାଲିମେଳା ରାସ୍ତାରେ ଏମ୍‌ଭି–୧୫ ଗ୍ରାମର ଅଜିତ ଡାଲି ଶିଖାପାଲି ହାଟରୁ ନିଜ ବାଇକ୍‌ରେ ଫେରୁଥିବା ବେଳେ ଏମ୍‌ଭି–୧୬ ଗ୍ରାମ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଅଜିତ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ପରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଖବର ପାଇ ଅଜିତଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ଅଜିତଙ୍କ ମୃତଦେହ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପୋଲିସ ଟିମ୍ ସହ ପହଞ୍ଚି ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରି ରାସ୍ତା ଅବରୋଧରୁ ହଟାଇଥିଲେ।

## କାଲିମେଳା ଲ୍ୟାମ୍ପ: ନବ ନିର୍ବାଚିତ ସଭାପତି, ନିର୍ଦ୍ଦେଶକଙ୍କୁ ନେଇ ସଞ୍ଚାଳନ ବୈଠକ

କାଲିମେଳା,୧୩।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ଲ୍ୟାମ୍ପ ପରିସରରେ ଥିବା ସଭାଗୃହରେ ନବନିର୍ବାଚିତ ସଭାପତି ଓ ନିର୍ଦ୍ଦେଶକମାନଙ୍କୁ ନେଇ ଏକ ସଞ୍ଚାଳନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବୁଦ୍ରା କବାସି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ମାଲକାନାଗିରି–କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଲୋନ୍ ମ୍ୟାନେଜର ଅରୁଣ ସାହୁ , ଜୟପୁର ବ୍ୟାଙ୍କର ମ୍ୟନେଜର ବାବୁଲୁ ରଥ, ଏମ୍‌ଭି–୭୯ ଶାଖାର ମ୍ୟାନେଜର ଗୋଲକ ବିହାରୀ ପାଇକରାୟ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ମତି ଖିଲ, କାଲିମେଳା ଲାମ୍ପର ପରିଚାଳନା ନିର୍ଦ୍ଦେଶକ ଚନ୍ଦନ କୁମାର ମାଦଳା, କାଲିମେଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ମାଳା ମାଡ଼ିଙ୍କ ସମେତ ଲାମ୍ପ ପରିଚାଳନା ପରିଷଦର ସଦସ୍ୟାସଦସ୍ୟମାନେ ଉପସ୍ଥିତ ରହି ଚାଷୀଙ୍କୁ ଖରିଫ ଋତୁରେ ବିହନ ଧାନ, ରାସାୟନିକ ସାର, ପୋକମରା ବିଷ ବିକ୍ରୟ ପରିଚାଳନା ନେଇ ଆଲୋଚନା କରାଯାଇଥିଲା । ଏହା ସହ ଚଳିତ ବର୍ଷ ଖରିଫ ଚାଷ ପାଇଁ ଚାଷୀଙ୍କୁ ଋଣ ଯୋଗାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା, ଖରିଫ ଋତୁ ୨୦୨୨–୨୩ ଧାନମଣ୍ଡି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା, ଚାଷୀମାନଙ୍କ ମଣ୍ଡି କାର୍ଡ ପଞ୍ଜୀକରଣ କରିବା, କର୍ମଚାରୀମାନେ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ଅବସରପ୍ରାପ୍ତ ଶ୍ରମିକଙ୍କ ଇପିଏଫ୍, ବକେୟା ପ୍ରଦାନ ନେଇ ମ୍ୟାନେଜମେଣ୍ଟକୁ ସ୍ମାରକପତ୍ର



ୟୁନିଟ୍ ହେଡ୍‌ଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

ଜୟପୁର (ନି ପ୍ର)

ସେବା କାଗଜକଳର ଅବସରପ୍ରାପ୍ତ ଶ୍ରମିକମାନେ କାଗଜ କଳ ପରିସରରେ ୟୁନିଟ ହେଡଙ୍କୁ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଶ୍ରମିକମାନେ ସେମାନଙ୍କ ଇପିଏଫ୍ ଏବଂ ବକେୟା ପ୍ରାପ୍ୟ ଏଯାଏ ପାଇପାରିନାହାନ୍ତି। ଫଳରେ ବହୁ ଶ୍ରମିକ ପରିବାର ଅତି ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି। ଅନେକ ରୋଗରେ ପୀଡ଼ିତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁନାହାନ୍ତି। ଶ୍ରମିକମାନେ ଅବସର ପରେ ସେମାନଙ୍କର ପିଏଫ ଟଙ୍କା ସୁଦ୍ଧା ପାଉନାହାନ୍ତି। ପିଏଫ ରେଗୁଲାର ନ ହେବା ଯୋଗୁ ପେନସନ ମଧ ମିଳୁନାହିଁ। ମଦର ଆର୍ଥ କମ୍ପାନୀ ସେବା କାଗଜକଳକୁ ଚଳାଇବା ପାଇ ୨୦୨୦ ଜୁନରେ ନେଇଥିବା ୧୫୦ କୋଟି ଟଙ୍କା ଋଣ ଯଦି କାରଖାନା ଚଳାଇବାରେ ବିନିଯୋଗ କରିଥାନ୍ତେ ତେବେ କାରଖାନା ଚାଲିବା ସହ ସବୁ ସମସ୍ୟାର ସମାଧାନ ହୋଇପାରିଥାନ୍ତା। ଏହା ହୋଇ ନ ଥିବାରୁ ଏପର୍ଯ୍ୟନ୍ତ କାଗଜ କଳରେ ଉତ୍ପାଦନ ଆରମ୍ଭ ହୋଇପାରିନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏଥିସହ ତୁରନ୍ତ ପିଏଫ ଜମା କରି ଜମା ଅର୍ଥ ଦେବା , ପେନସନ ପାଇବା ନେଇ ବ୍ୟବସ୍ଥା କରିବା, ସମସ୍ତ ଅବସରପ୍ରାପ୍ତ ଶ୍ରମିକଙ୍କୁ ବକେୟା ପ୍ରାପ୍ୟର ହିସାବ ଦେବା, କୌଣସି କାରଣ ନ ଦେଖାଇ ବାହାରେ ରଖା ଯାଇଥିବା ସମୟର ହାଜିରା ପକାଇବା, ଅବସରପ୍ରାପ୍ତ ଶ୍ରମିକଙ୍କୁ ପୁନର୍ବାର ନିଯୁକ୍ତିର ପ୍ରମାଣ ପତ୍ର ଦେବା ଆଦି ବିଷୟ ନେଇ ଶ୍ରମିକମାନେ ମ୍ୟାନେଜମେଣ୍ଟ ନିକଟରେ ଦାବି କରିଛନ୍ତି। ସ୍ମାରପତ୍ର ଗ୍ରହଣ କରି ୟୁନିଟ ହେଡ ସମସ୍ତ ବିଷୟରେ ଆସନ୍ତା ୧୯ ତାରିଖରେ ଆଲୋଚନା ଲାଗି ଧାଯ୍ୟ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ପ୍ରମୋଦ କୁମାର ମହାନ୍ତି, ଭି.ରବିକୁମାର, ନାରାୟଣ ଦାଶ, ପ୍ରହ୍ଲାଦ ମଲ୍ଲିକ, କେଦାର ବେହେରା, ପ୍ରକାଶ ଚୌଧୁରୀ, ତ୍ରିନାଥ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ



ମାଲକାନଗିରି,୧୩।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ଭାଜପା ପକ୍ଷରୁ ବୁଧବାର ବାଲିମେଳା ଏନ୍‌ଏସି ନଗରସ୍ଥିତ ଟାଉନ ହଲ୍‌ଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି, ଅନ୍ୟତମ ଅତିଥି ରୂପେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ପୂର୍ବତନ ଜିଲା ସଭାପତି ଅଶୋକ ପରିଡ଼ା, ପଦୁ ମାଝି, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଜୋସେଫ ଦିଲୀପ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଦଳକୁ ସଙ୍ଗଠିତ କରି ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରିବା, ମାଲକାନଗିରି ଜିଲାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରେଳ ଲାଇନ ସଂଯୋଗ ନେଇ ପଦକ୍ଷେପ, ଏକଲବ୍ୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ବେକାର ଯୁବତୀଯୁବକଙ୍କ ପାଇଁ ଅଗ୍ନିବୀର ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ବିଶ୍ୱାଳ, ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ସମ୍ପାଦକ ନବଘନ ଲୋକେଇ, ଜିଲା କୋଷାଧକ୍ଷ ସଞ୍ଜୟ ସରକାର, ବାଲିମେଳା ନଗର ସଭାପତି ଶୁଭାଶିଷ କର, ସମ୍ପାଦକ ସୀମାଞ୍ଚଳ ପ୍ରଧାନ, କାଉନସିଲର ମନୋଜ ପାଙ୍ଗୀ, ବିମଳ ବେହେରା, ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ ଉପସ୍ଥିତ ଥିଲେ।

## ମାନବିକତାର ପରିଚୟ ଦେଲେ ପି.ବେଡ଼ାପଦର ସରପଞ୍ଚ

ଦଶମନ୍ତପୁର, ୧୩।୭ (ଡି.ଏନ୍.ଏ.)

**ମାନସିକ ବିକୃତ ବ୍ୟକ୍ତିଙ୍କୁ ପହଞ୍ଚାଇଲେ ତାଙ୍କ ଗାଁରେ**



ସାକ୍ରାଙ୍କୁ ତାଙ୍କ ଗ୍ରାମକୁ ଛାଡ଼ିବାକୁ ନେଉଛନ୍ତି ସରପଞ୍ଚ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର ପଞ୍ଚାୟତର ନୂଆଗୁଡ଼ା ଗ୍ରାମରେ ୨ଦିନ ଧର ରାତି କଟାଇଥିବା ଜଣେ ମସ୍ତିଷ୍କ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାରକରି ତାଙ୍କୁ ନିଜ ଗ୍ରାମ କୋଡ଼ିପାରରେ ପହଞ୍ଚାଇ ମାନବିକତାର ପରିଚୟ ଦେଇଛନ୍ତି ପଞ୍ଚାୟତର ସରପଞ୍ଚ। ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି, ଲାଗି ରହିଥିବା ଲଘୁଚାପଜନିତ ବର୍ଷା ଅନ୍ଧାର ରାତିରେ ଜଣେ ମାନସିକ ବିକୃତ ବ୍ୟକ୍ତି ନୂଆଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ବର୍ଷାରେ ଓଦାହୋଇ ସେ ଘରକୁଘର ବୁଲୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିଚୟ ପଚାରିଥିଲେ। ଗ୍ରାମବାସୀ ତାଙ୍କ ଆଧାର କାର୍ଡ ଦେଖିବା ପରେ ତାଙ୍କୁ ଗ୍ରାମରେ ଆଶ୍ରୟ ଦେଇଥିଲେ। ତାଙ୍କୁ କିଛି ଖାଇବାକୁ ଦେଇଥିଲେ । ତେବେ ସେ ଖାଦ୍ୟ ଖାଇ ନ ଥିଲେ ବୋଲି ଗ୍ରାମର ବିଶୁ ସାଉଁଟା, ଘାସି ସାଉଁଟା, ସୀମା ମୁସ୍କା, ଚିତ୍ର ସାଉଁଟା କହିଛନ୍ତି। ଗ୍ରାମର ଯୁବକମାନେ ଏ ସମ୍ପର୍କରେ ପରଜା ବେଡ଼ାପଦର ସରପଞ୍ଚ ଶରତ ମୁଦୁଲିଙ୍କୁ ଫୋନ ଯୋଗେ ଜଣାଇଥିଲେ। ସରପଞ୍ଚ ନୂଆଗୁଡ଼ାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ଅଟୋ କରି ଦଶମନ୍ତପୁର ମେଡିକାଲକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଖାଇବାକୁ ଦେଇଥିଲେ। ସେହି ମାନସିକ ବିକୃତ ଜଣକ ହେଉଛନ୍ତି କାଶୀପୁର ବ୍ଲକ କୋଡ଼ିପାରି ଗ୍ରାମର ସାକ୍ରା ଗୌଡ଼(୭୦)। ତାଙ୍କୁ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ସରପଞ୍ଚ ନେଇ ଛାଡ଼ିଥିଲେ। ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ସ୍ୱାଭିମାନ ଅଞ୍ଚଳରେ ୩ ପଞ୍ଚାୟତବାସୀଙ୍କ ମେଳି

ମାଲକାନଗିରି,୧୩।୭(ଡି.ଏନ୍.ଏ.)



ମେଳିରେ ଏକାଠି ହୋଇଥିବା ପଞ୍ଚାୟତବାସୀ।

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ୩ ପଞ୍ଚାୟତବାସୀ ବୁଧବାର ମେଳି କରିଛନ୍ତି। ରାଜ୍ୟ ସରକାରଙ୍କ ସେତୁ ଯୋଜନାରେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଏବେ ପଣସପୁଟ, ଯନ୍ତ୍ରୀ ଓ ଅଣ୍ଡିରାପାଲି ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଲୋକ ଏକାଠି ହୋଇ ପ୍ରଜାମେଳି କରି ଅଣ୍ଡିରାପାଲି ପଞ୍ଚାୟତର ଓରାପଦର ଲଞ୍ଚଘାଟରେ ଏକ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି। ପୋଲ ନିର୍ମାଣ ହେଲେ ଉପରୋକ୍ତ ୩ଟି ପଞ୍ଚାୟତବାସୀଙ୍କ ଯାତାୟାତ ପାଇଁ ସୁବିଧା ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପଞ୍ଚାୟତବାସୀ କୌଣସି କାର୍ଯ୍ୟରେ ଚିତ୍ରକୋଣ୍ଡା କିମ୍ବା ମାଲକାନଗିରି ଯିବାକୁ ହେଲେ ଗୁରୁପ୍ରିୟା ସେତୁ ଦେଇ ଯିବାକୁ ପଡ଼େ। ଏହା ସମ୍ପୃକ୍ତ ପଞ୍ଚାୟତଗୁଡିକଠାରୁ ଅନେକ ଦୂର ହୋଇଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଦାବି ହେଉଛି।

## ଶ୍ରେଣୀଗୃହରେ ପାଣି ଗଳୁଛି, ପାଠପଢ଼ା ବାଧାପ୍ରାପ୍ତ

ମାଲକାନଗିରି/କୋରୁକୋଣ୍ଡା, ୧୩।୭(ଡି.ଏନ୍.ଏ.)

ଲଗାଣବର୍ଷା ପ୍ରଭାବରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ପଞ୍ଚାୟତର ସିଦ୍ଧେଶ୍ୱରପୁର ନୂତନ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମଶ୍ରେଣୀରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫ଟି ଶ୍ରେଣୀରେ ୨୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀ ଗୃହ ରହିଛି । ଶ୍ରେଣୀଗୃହ ୨ଟି ବହୁ ପୁରାତନ ହୋଇଥିବାରୁ ଛାତରୁ ପାଣି ଗଳୁଛି। ରୋଷେଇଗୃହର ଅବସ୍ଥା ମଧ ସମାନ। ରୋଷେଇଗୃହରେ ପାଣି ପଡ଼ିବା ସହ ଝରକାରେ କବାଟ ନ ଥିବାରୁ ରୋଷେଇରେ ବ୍ୟବହାର ସମସ୍ତ ସାମଗ୍ରୀ ବିଦ୍ୟାଳୟ ଶ୍ରେଣୀଗୃହରେ ରଖାଯାଉଛି। ଶନିବାର ଏବଂ ରବିବାର ବର୍ଷା ଯୋଗୁ ଚାଉଳ ଉପରେ ପାଣି ପଡ଼ି ପ୍ରାୟ ୫୦ କେଜିରୁ ଉର୍ଦ୍ଧ୍ୱ ଚାଉଳ ନଷ୍ଟ ହୋଇଯାଇଛି। ଦାୟିତ୍ୱରେ ଥିବା ଶିକ୍ଷକ ଲଇଚନ ହନ୍ତାଳଙ୍କୁ ପଚାରିବାରୁ ସେ କହିଲେ, ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା କିଛି ହୋଇନାହିଁ । ବିଦ୍ୟାଳୟର ସମସ୍ୟା ନେଇ କୋରୁକୋଣ୍ଡା ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ପଚାରିବାରୁ ସେ ଏନେଇ ଅବଗତ ନ ଥିଲେ। ଏହାର ତଦନ୍ତକରି ଉଚିତ ପଦକ୍ଷେପ ନେବେ। ବହୁ ଶୀଘ୍ର ଶ୍ରେଣୀଗୃହଗୁଡ଼ିକୁ ମରାମତି ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି ।

## ଲୁଟ୍ ମାମଲାରେ ୩ ଗିରଫ

ଜୟପୁର, ୧୩।୭ (ନି.ପ୍ର.)

ଜଣେ ଯୁବକଙ୍କୁ ମାଡ ମାରି ଲୁଟ୍ କରିବା ମାମଲାରେ ବୁଧବାର ଜୟପୁର ଟାଉନଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟପୁର ଡେପଗୁଡାରୁ ବିକାଶ ସାବତ, ପରଥମ ବାଘ ଓ ଦିପକ ମହାନନ୍ଦିଆ । ଗିରଫ ଅଭିଯୁକ୍ତଙ୍କଠାରୁ ବାଇକ, ଏଟିଏମ କାର୍ଡ, ପାନ କାର୍ଡ, ଆଧାର କାର୍ଡ ମୋବାଇଲ ଫୋନ ଓ ନଗଦ ୫ ହଜାର ଟଙ୍କା ଜବତ ହୋଇଛି। ମାମଲାର ବିବରଣୀରୁ ଜଣାପଡିଛି, କୋରାପୁଟ ଜିଲା ପାଢୁଆ ଥାନା କୁଲାବିର ଅଞ୍ଚଳର ନରସିଂହ ଖିଲ ଦୋକାନ ଜିନିଷ କିଣିବାକୁ ଜୟପୁର ଆସିଥିଲେ । ଜିନିଷ କିଣିବା ପରେ ତାଙ୍କ ସାଙ୍ଗ କିରଣଙ୍କୁ ଗାନ୍ଧୀଛକରେ ଛାଡି ଦେବାକୁ ଯାଇଥିଲେ। ତାଙ୍କୁ ଛାଡି ଫେରିବା ସମୟରେ ଡେପଗୁଡାର ଏକ ଗାଡି ଶୋରୁମ ନିକଟରେ ୩/୪ ଜଣ ତାଙ୍କୁ ଅଟକାଇ ଆକ୍ରମଣ କରି ସାଙ୍ଗଙ୍କଠାରୁ ଆଣିଥିବା ବାଇକ, କିଣାଯାଇଥିବା ୩୫ ହଜାର ଟଙ୍କାର ଜିନିଷ, ଓ ପନିପର୍ସ ଛଡାଇ ନେଇଥିଲେ। ମନିପର୍ସରେ ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ, ପାନ କାର୍ଡ ସବୁ ରହିଥିଲା। ପରେ ନରିସଂହ ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ଘଟଣାର ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।



ଗିରଫ ୩ ଅଭିଯୁକ୍ତ।

## କୋରାପୁଟ ରେଲୱେ ଷ୍ଟେଶନରେ ୱାନ ଷ୍ଟେଶନ, ୱାନ ପ୍ରଡକ୍ଟ କାର୍ଯ୍ୟକ୍ରମ

କୋରାପୁଟ,୧୩।୭(ସ୍ୱ.ପ୍ର.)




- ଶୁଆଁ, କଳାଜିରା, ହଳଦୀଗୁଣ୍ଡ ସହ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେବ
- ଏସଏଚଜି ଗୋଷ୍ଠୀର ଆର୍ଥିକ ସ୍ଥିତି ମଜଭୁତ କରିବ
- ୪ ଷ୍ଟେସନରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ

ବିଶାଖାପାଟଣା ରେଲୱେ ଡିଭିଜନର ଡିଆରଏମ ଅନୁପ ଶତପଥୀ ଭିଡିଓ କନଫରେନ୍ସ ଦ୍ୱାରା ବୁଧବାର କୋରାପୁଟ ଷ୍ଟେସନଠାରେ ୱାନ ଷ୍ଟେସନ, ୱାନ ପ୍ରଡକ୍ଟ କାର୍ଯ୍ୟକ୍ରମର ଶୁଭାରମ୍ଭ କରଛନ୍ତି। ଏହି କାର୍ଯ୍ୟକ୍ରମ କୋରାପୁଟ ଷ୍ଟେସନ ସମେତ ଟିକିରି , ସିଙ୍ଗାପୁର ରୋଡ, ଶ୍ରୀକାକୁଳମ ରୋଡ ଆଦି ୪ଟି ଷ୍ଟେସନରେ ଶୁଭାରମ୍ଭ କରାଯାଇଥିବା ଷ୍ଟେସନ ମ୍ୟାନେଜର ନନ୍ଦ କିଶୋର ଭିତିରିଆ କହିଛନ୍ତି। ବର୍ତ୍ତମାନ ଏହି ଷ୍ଟେସନଗୁଡିକରେ ଅସ୍ଥାୟୀ ଷ୍ଟଲ ଜରିଆରେ ଆରମ୍ଭ କରାଯାଇଥିବାବେଳେ ଆଗାମୀ ଦିନରେ ରେଲୱେ ବିଭାଗ ପକ୍ଷରୁ ସ୍ଥାୟୀ ଷ୍ଟଲମାନ ଯୋଗାଇ ଦେବେ ବୋଲି ଡିଆରଏମ ପ୍ରକାଶ କରିଛନ୍ତି। ରେଲୱେ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଓରମାସ୍‌ର ମିଳିତ ସହଯୋଗରେ ଉପରୋକ୍ତ ୱାନ ଷ୍ଟେସନ ୱାନ ପ୍ରଡକ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟ ଅଞ୍ଚଳରେ ଉତ୍ପାଦିତ ଶୁଆଁ, କଳାଜିରା, ହଳଦୀଗୁଣ୍ଡ, ପଣସ ଚିପସ, ଲେମନଗ୍ରାସ ତେଲ, ଆଲୋଭରା ସାବୁନ, ହଳଦୀ ସାବୁନ, ମାଣ୍ଡିଆ ଆଦି ବିଭିନ୍ନ ସାମଗ୍ରୀକୁ ସୁଲଭ ଦରରେ କୋରାପୁଟ ଷ୍ଟେସନ ପରିସରରେ ଓରମାସ ପକ୍ଷରୁ ବିକ୍ରି କରାଯିବ । ଯାହାଦ୍ୱାରା ଏଥିରେ ସାମିଲ ଥିବା ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ଓରମାସର କୋରାପୁଟ ଉପନିର୍ଦ୍ଦେଶକ ରୋଶନ କୁମାର କାର୍ତ୍ତିକ ସୂଚନା ଦେଇଛନ୍ତି। ଏନେଇ କେଚଲା ଆଗ୍ରୋ ପ୍ରଡକ୍ଟ କମ୍ପାନୀର କମ୍ୟୁନିଟି ଅଧିକାରୀ ନିହାରିକା ଗନ୍ତାୟତ କହିଛନ୍ତି ଯେ, ଏହି ୱାନ ଷ୍ଟେସନ ଓ ୱାନ ପ୍ରଡକ୍ଟ ଜରିଆରେ ଆମର ୧୦ଟି ମହିଳା ଏସ୍‌ଏଚଜି ମଧ୍ୟରୁ ୩ଟି ଏସ୍‌ଏଚଜି ଗ୍ରୁପଙ୍କ ଦ୍ୱାରା ଉତ୍ପାଦିତ ସାମାଗ୍ରୀ ଏଠାରେ ବିକ୍ରି ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ଏସ୍‌ଏଚଜିମାନଙ୍କ ଦ୍ୱାରା ଉତ୍ପାଦିତ ଅନ୍ୟ ସାମାଗ୍ରୀ ମଧ ଏହି ଯୋଜନାରେ ଷ୍ଟେସନରେ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏନେଇ ମାଛ୍ରା ଶାବରୀ ଏସ୍‌ଏଚଜିର ବରିଷ୍ଠ ସଦସ୍ୟା ଦୋନା ଜାନି କହନ୍ତି, ଏହି କାର୍ଯ୍ୟକ୍ରମ ଯୋଗୁ ଆମର ଉତ୍ପାଦିତ ସାମାଗ୍ରୀର ବିକ୍ରି ବୃଦ୍ଧି ପାଇବ। ଏହାଦ୍ୱାରା ଆମର ଆର୍ଥିକ ସ୍ଥିତି ମଜବୁତ ହୋଇପାରିବ। ଏହି ଅବସରରେ କୋରାପୁଟ ଷ୍ଟେସନ ମ୍ୟାନେଜର ଭିତିରିଆ, ରେଲୱେ କର୍ମସିଆଲ ନିରୀକ୍ଷକ ହୃଷିକେଶ ମିନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ



ନବରଙ୍ଗପୁର,୧୩।୭(ବି.ପ୍ର.): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶିରିଡ଼ି ସାଇ ମନ୍ଦିରଠାରେ ବୁଧବାର ଗୁରୁପୂର୍ଣ୍ଣିମା ଉପଲକ୍ଷେ ଅଭିଷେକ, ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜକ ଭାବେ ମନ୍ଦିର ଟ୍ରଷ୍ଟି ଭୂତି ପ୍ରସାଦ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶତାଧିକ ଲୋକଙ୍କ ପାଇଁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ଦୀର୍ଘଦିନ ପରେ ଉମରକୋଟରୁ ୨ କରୋନା ପଜିଟିଭ

ଉମରକୋଟ,୧୩।୭(ସ୍ୱ.ପ୍ର.): ଦୀର୍ଘ ଦିନର ବ୍ୟବଧାନ ପରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରୁ ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଉମରକୋଟ ସହର ୧୦ ନମ୍ବର ୱାର୍ଡରୁ ଏହି ୨ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ବାରମ୍ବାର କୋଭିଡ ନିୟମାବଳୀ ପାଳନ ନିମନ୍ତେ ଅନୁରୋଧ କରୁଥିବା ସତ୍ତ୍ୱେ ଉମରକୋଟ ସହରରେ କେହି ତାହାକୁ କେହି ମାନୁ ନ ଥିବା ନଜରକୁ ଆସୁଛି। କାହା ମୁହଁରେ ମାସ୍କ ରହୁନାହିଁ। ତେଣୁ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମକୁ କଡ଼ାକଡି କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। କରୋନା ନିୟମାବଳୀ ବିଷୟରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯିବା ଜରୁରୀ ହୋଇପଡ଼ିଛି।

### ବଳାତ୍କାରୀଙ୍କୁ ୭ ବର୍ଷ ଜେଲ ଦଣ୍ଡ

ରାୟଗଡ଼ା ଅଫିସ,୧୩।୭: ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ(ଫାଷ୍ଟଟ୍ରାକ୍)ଙ୍କ କୋର୍ଟରେ ଏକ ବଳାତ୍କାର ମାମଲାର ବୁଧବାର ଶୁଣାଣି ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ୭ ବର୍ଷ ଜେଲ ଏବଂ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ମାମଲାରୁ ଜଣାଯାଏ, ରାୟଗଡ଼ା ଜିଲା ଅମ୍ବିରାକଞ୍ଚ ଥାନ ଅଞ୍ଚଳରେ ୨୦୧୭ ରେ ଜଣେ ୧୫ ବର୍ଷୀୟା ବାଳିକାକୁ ଅପହରଣ କରି ବଳାତ୍କାର କରିଥିବା ନାବାଳିକାଙ୍କ ମାଁ ଅମ୍ବିରାକଞ୍ଚ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୨୦୧୭ ମେ ୨୭ ରେ ପୋଲିସ ୧୧/୧୭ରେ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଦୌରାଜଜ(ଫାଷ୍ଟଟ୍ରାକ୍)ଗଣେଶ୍ୱର ପତି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୁଶାନ୍ତ ଖୋସଲା ଏବଂ ସରକାରଙ୍କ ପକ୍ଷରୁ ଆଇନଜୀବୀ ବିରଜା ପାତ୍ର ମାମଲା ପରିଚାଳନା କରିଥିଲେ। ୨୭ ସାକ୍ଷ ଓ ପ୍ରମାଣକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି।

### ଗୁରୁପୂର୍ଣ୍ଣିମାରେ ଗୁରୁପୂଜନ



ଗୁଣପୁର,୧୩।୭(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁରର ବିଭିନ ସ୍ଥାନରେ ବୁଧବାର ଗୁରୁ ପୂର୍ଣ୍ଣିମା ତଥା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଦ୍ୱୈତ ବେଦାନ୍ତ ଆଶ୍ରମଠାରେ ଗୁରୁ ପୂର୍ଣ୍ଣିମା ତଥା ବ୍ୟାସ ଦେବଙ୍କ ଜୟନ୍ତୀର ତାତ୍ପର୍ଯ୍ୟ ବିଷୟରେ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତ୍ରିନାଥ ରାଜଗୁରୁ, ମୁଖ୍ୟବକ୍ତା ସୁରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ।ଏହି ଅବସରରେ ତାଙ୍କର ଶିଷ୍ୟ, ଶୁଭେଚ୍ଛୁ ଏବଂ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଆଶ୍ରମ ପରିସରରେ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାମୀ ବିଦ୍ୟାନନ୍ଦ ସାଗରଙ୍କୁ ପୂଜାର୍ଚ୍ଚନା ଏବଂ ବନ୍ଦାପନା କରାଯାଇଥିଲା। ଆଚାର୍ଯ୍ୟ ନଳିନିକାନ୍ତ ମହାନ୍ତି, ଗଣେଷ ମାଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଜନ ସଙ୍କୀର୍ତ୍ତନ ସହ ହୋମଯଜ୍ଞ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସେହିପରି ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଗୈରିକ ଧ୍ୱଜା ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଜିଲା ଆର୍‌ଏସ୍‌ଏସ୍ ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମବାସୀ ଚାନ୍ଦା କରି ତିଆରି କଲେ ବାଉଁଶପୋଲ

ରାୟଗଡ଼ା ଅଫିସ/ଟିକିରି, ୧୩।୭(ଡି.ଏନ୍.ଏ.)

- ବାରମ୍ବାର ଦାବି ପରେ ବି ହୋଇପାରିଲାନି ବ୍ରିଜ୍
- ବିଧାୟକଙ୍କ ପଞ୍ଚାୟତରେ ଗାଁକୁ ନାହିଁ ରାସ୍ତା

ଗାଁକୁ ରାସ୍ତା ନାହିଁ। ନାଳ ପାରିହୋଇ ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି। ବର୍ଷାଦିନରେ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବ୍ରିଜ୍‌ଟିଏ ନିର୍ମାଣ ପାଇଁ ହେଲେ ବାରମ୍ବାର ଦାବି ପରେ ମଧ୍ୟ ହୋଇପାରିଲାନି। ଶେଷରେ ନିଜ ସମସ୍ୟାର ନିଜେ ସମାଧାନ କରିବା ପାଇଁ ଗ୍ରାମବାସୀ ମିଶି ଚାନ୍ଦା ଆଦାୟ କରି ଅସ୍ଥାୟୀ ବାଉଁଶ ପୋଲ ତିଆରି କରିଛନ୍ତି। ଏ ହେଉଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲି ପଞ୍ଚାୟତ ବେଲଗଛତୁଣ୍ଡ ଗ୍ରାମବାସୀଙ୍କ ଦୁଃଖ। ଖୋଦ୍ ରାୟଗଡ଼ା ବିଧାୟକଙ୍କ ଏହା ନିଜ ପଞ୍ଚାୟତ ହୋଇଥିବାବେଳେ ବ୍ରିଜ୍‌ଟିଏ ନିର୍ମାଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ରାୟଗଡ଼ା ଜିଲା କାଶିପୁର ବ୍ଲକ ଡଙ୍ଗାସିଲି ପଞ୍ଚାୟତ ଠାରୁ ମାତ୍ର ୧୦ କି.ମି. ଦୂରରେ ରହିଥିବା ଏହି ଗ୍ରାମର ଲୋକେ ପ୍ରତ୍ୟେକ ଦିନ ନାଳ ପାରିହୋଇ ଯାତାୟାତ କରୁଛନ୍ତି। ଛୋଟ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ପାଣି ମଧ୍ୟଦେଇ ଡଙ୍ଗାସିଲ ପଞ୍ଚାୟତ ସଦର ସ୍ଥିତ ସ୍କୁଲ ଯାଉଛନ୍ତି। ବର୍ଷାଦିନେ ପିଲାଙ୍କ ପାଠପଢ଼ା ମଧ୍ୟ ବନ୍ଦ ହୋଇଥାଏ। ଆମ୍ବୁଲାନ୍ସ ଆସି



ନ ପାରି ରୋଗୀ ଏବଂ ଗର୍ଭବତୀ ଅନେକ ସମୟରେ ସମସ୍ୟା ଭୋଗୁଛନ୍ତି। ଭାରରେ ବୋହି ନେବାକୁ ପଡ଼ିଥାଏ। ବର୍ଷାଦିନେ ଖାଦ୍ୟ ସାମଗ୍ରୀ ଆଣିବାକୁ ଯାଇ ନ ପାରି ଅନେକ ସମୟରେ ଭୋକ ଏବଂ ଶୋଷରେ ମଧ୍ୟ ରହିବାକୁ ପଡ଼େ। ତେଣୁ ଉକ୍ତ ନାଳ ଉପରେ ଏକ ବ୍ରିଜ୍ ନିର୍ମାଣ ପାଇଁ ବେଲଗଛତୁଣ୍ଡ ଗ୍ରାମବାସୀ ବହୁ ସମୟରେ ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୂର୍ବତନ ଜିଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ବ୍ରିଜ୍ ହୋଇପାରିଲାନି। ପାଇଁ ପାରୁନାହାନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ ଏହି ସମସ୍ୟା ନେଇ ବେଲଗଛତୁଣ୍ଡ ଗ୍ରାମବାସୀ ଭୋଟ ବର୍ଜନ ମଧ୍ୟ କରିଥିଲେ। ତଥାପି ଏମାନଙ୍କ ଦୁଃଖ ଦୂର କରିବାକୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ଏବଂ ବିଧାୟକ କାହାପାଇଁ ବୋଲି ବୁଦ୍ଧିଜୀବୀ ପଶ୍ନ କରିଛନ୍ତି। ଏ ନେଇ କାଶୀପୁର ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତ ଅଧିକାରୀଙ୍କୁ ବୁଝି ପଦକ୍ଷେପ ନେବି।

## ଏସ୍‌ଏସ୍‌ଡି ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

### ଅଭିଭାବକ-ଶିକ୍ଷକ ସମ୍ମିଳନୀ

ଚନ୍ଦ୍ରପୁର,୧୩।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ସଦର ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ଶିକ୍ଷକ ପ୍ରତାପ ଚୌଧୁରୀ ଉପସ୍ଥିତ ଥିଲେ। ପିଲାଙ୍କ ଭୋଜନ ପାଇଁ ଭୋଜନ ଗୃହ, ପାଠପଢ଼ା ପାଇଁ ଶିକ୍ଷକ ନ ଥିବା ନେଇ ଅଭିଭାବକମାନ ଏଠଶରେ ଅଭିଯୋଗ କରିଥିଲେ। ଏ ନେଇ ଜିଲାପାଳଙ୍କୁ ଚିଠି ଲେଖିବା ପାଇଁ ଅଭିଭାବକମାନେ ଆଲୋଚନା କରିଥିଲେ। ୨ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଶିକ୍ଷକ ନିଯୁକ୍ତି ନିମନ୍ତେ ଦାବି କରାଯାଇଛି।

# କାମରେ ଲାଗୁନି ଗୋଷ୍ଠୀ ଶୌଚାଳୟ

ନବରଙ୍ଗପୁର,୧୩।୭(ବି.ପ୍ର.)

ନବରଙ୍ଗପୁର ସହରରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ୭ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ୪ବର୍ଷ ହେଲା ସେଥିମଧ୍ୟରୁ ୫ଟିର ତାଲା ଖୋଲାଯାଇନାହିଁ। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଡେପୁଟେଶନରେ ଆସି ପୁଣି ୫ ମାସ ହେଲା ଫେରି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହାକୁ ଦାୟିତ୍ୱ ଦିଆଯାଇନାହିଁ। ଫଳରେ ଶୌଚାଳୟ ଗୁଡିକ ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁନାହିଁ। କୃଷକ ବଜାର, ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଛକ ଏବଂ ସୁଇପର କଲୋନିଠାରେ ୬ଲକ୍ଷ ୪୬ ହାଜର ଟଙ୍କାରେ ଶୌଚାଳୟ କରାଯାଇଛି। ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଶୌଚାଳୟ ନିର୍ମାଣରେ ୭ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ଏଗୁଡ଼ିକରେ ଏବେ ତାଲା ପଡ଼ି ରହିଛି। ଦଶହରାପଦାଠାରେ ନିର୍ମାଣ ହୋଇଥିବା ଦୁଇଟି ଶୌଚାଳୟ ମଧ୍ୟରୁ ଗୋଟିଏ ୬ ଲକ୍ଷ ୧୩ ହଜାର ଟଙ୍କା ଏବଂ ଅନ୍ୟଟି ୫ଲକ୍ଷ ୬୭ହଜାର ଟଙ୍କାରେ ନିର୍ମାଣ




ହୋଇଛି। ଏହି ଦୁଇଟି କାର୍ଯ୍ୟରେ ଲାଗିଥିବା ବେଳେ ଅନ୍ୟ ୫ଟି ସ୍ଥାନରେ ତାଲା ପଡ଼ିଛି।

ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରି ସହରକୁ ସ୍ୱଚ୍ଛ ରଖିବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ପୌରସଂସ୍ଥାର ବୈଷୟିକ କର୍ମଚାରୀଙ୍କ ଯୋଗୁ ସରକାରଙ୍କ ଏହି ଉଦ୍ଦେଶ୍ୟ ସଫଳ ହୋଇପାରୁ ନ ଥିବା ଜଣାପଡ଼ିଛି। ଏ ନେଇ ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଯନ୍ତ୍ରୀମାନଙ୍କ ସହ ଆଲୋଚନା ପରେ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଲୋକଙ୍କ କାମରେ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି। ସେହିପରି ସାନିଟାରି ଏକ୍ସପର୍ଟ ମନୋଜ ଦତ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, ଠିକାଦାରଙ୍କ ସହ ଆଲୋଚନା କରାଯିବ। ପାଣି ଓ ବିଦ୍ୟୁତ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କି ନାହିଁ ଦେଖିବା ପରେ ଶୌଚାଳୟଗୁଡ଼ିକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯିବ। ୧୦ଦିନ ମଧ୍ୟରେ ତାହା ଲୋକଙ୍କ କାର୍ଯ୍ୟରେ ଲାଗିବ ବୋଲି ସେ କହିଛନ୍ତି ।

## ଟ୍ରକ୍-ବାଇକ୍ ଦୁର୍ଘଟଣା, ଜଣେ ମୃତ

ଡାବୁଗାଁ,୧୩।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ-ଉମରକୋଟ ରାଜ୍ୟ ରାଜପଥ-୩୯ ଝରିଗୁଡ଼ା ଛକ ନିକଟରେ ବୁଧବାର ରାତିରେ ଏକ ଟ୍ରକ୍ ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଜିଲାର ଲକିନାଥ ତ୍ରିପାଠୀ(୨୫)। ଘଟଣାରୁ ପ୍ରକାଶ, ରାତି ପ୍ରାୟ ୮.୩୦ ବେଳେ ଏକ ସାର ବୋଝେଇ ଟ୍ରକ ନଂ. (ଓଆର୍ ୧୦ ଜି ୧୯୦୩) ରାଇଘର ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ ବାଇକ୍(ଓଡି ୧୫ ଏଲ୍ ୪୩୮୫) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଲକିନାଥଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲକିନାଥ ସିଂସାରି ଶାଖା ପୋଷ୍ଟ ଅଫିସରେ ବିପିଏମ୍ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ଡାବୁଗାଁ ସବ୍ ପୋଷ୍ଟ ଅଫିସରୁ ସରକାରୀ କାର୍ଯ୍ୟ ସାରି ସିଂସାରି ଫେରୁଥିଲେ। ଖବରପାଇ ଡାବୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

## ଛାତ୍ରାବାସରେ ୫ ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ଝାଡ଼ା, ଜ୍ୱର

ରାୟଗଡ଼ା ଅଫିସ,୧୩।୭

ରାୟଗଡା ସଦର ବ୍ଲକ କଟଲାଗୁଡ଼ା ସ୍ଥିତ ଅନ୍ୱେଷା ଛାତ୍ରାବାସରେ ୫ ରୁ ଊର୍ଦ୍ଧ୍ୱ ଛାତ୍ର ଛାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। କେତେଜଣ ଅନ୍ତେବାସୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଆଉ କେତେଜଣ ହଷ୍ଟେଲରେ ରହି ଔଷଧ ସେବନ କରୁଥିବା ଜଣାପଡ଼ିଛି। ବର୍ଷା ଯୋଗୁ ଛାତ୍ରବାସ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ସେହିପରି ଉକ୍ତ ହଷ୍ଟେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ନିୟମିତ ଯାଞ୍ଚ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି କାରଣରୁ ପିଲାମାନେ ଝାଡ଼ା ଏବଂ ଜ୍ୱରରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଏହି ଛାତ୍ରବାସରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ତେଣୁ ଅନ୍ୟ ଅନ୍ତେବାସୀ ମଧ୍ୟ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ପର୍ଯ୍ୟାୟ କ୍ରମେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ବିଷୟରେ ହଷ୍ଟେଲ ପରିଚାଳକଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

## କ୍ଷତିଗ୍ରସ୍ତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ନିର୍ଦ୍ଦେଶ ଦେଲେ ଏମ୍‌ପି



ନବରଙ୍ଗପୁର ଏମ୍‌ପି ଗ୍ରାମବାସୀଙ୍କ ଠାରୁ କ୍ଷୟକ୍ଷତି ବୁଝୁଛନ୍ତି।

ଝରିଗାଁ,୧୩।୭(ସ୍ୱ.ପ୍ର.)

- ଲଗାଣ ବର୍ଷାରେ ବେହାଲ ଝରିଗାଁ
- ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଚିଠି ଲେଖିଲେ ବିଧାୟକ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ୪ ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। କଚ୍ଚାଘର କାନ୍ଥ ଭୁଶୁଡ଼ିଯିବା ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାରେ ରହିଛନ୍ତି। ଝରିଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଘର ନଷ୍ଟ ହେବା ସହ କେତେକ ସ୍ଥାନରେ କଲଭର୍ଟ ଧସିଯାଇଛି। ଶତାଧିକ ଏକର ଧାନଜମି ପାଣିରେ ବୁଡ଼ିଯାଇଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏ ବିଷୟରେ ଜାଣିବା ପରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ବୁଧବାର ଝରିଗାଁ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ସହ କ୍ଷତିଗ୍ରସ୍ତ ଅଞ୍ଚଳ ମଧ୍ୟରୁ କୁସୁମୀ, କରସାହାଣ୍ଡି, ବାଣ୍ଡୁଆଗୁଡ଼ା, ଇଚ୍ଛାପୁର, କନ୍ଦଗୁଡ଼ା, ବେଲଝରି ପ୍ରଭୃତି ଗ୍ରାମ ଗସ୍ତକରି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଝରିଗାଁ ବିଧାୟକ ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଏବଂ ସଚିବଙ୍କୁ ଚିଠି ଲେଖିଥିବା କହିଛନ୍ତି। ଏମ୍‌ପିଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଡିଓ ସତ୍ୟ ନାରାୟଣ ମେହେର, ତହସିଲଦାର ହୃଷୀକେଶ ଗଣ୍ଡ, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ବିଧାୟକଙ୍କ ପ୍ରତିନିଧି ରାମଧର ମାଝୀ, ଟିକଚାନ୍ଦ ମାଝି, ସରପଞ୍ଚ ମୋହନ ନାୟକ, ସଦାଶିବ ପଟ୍ଟନାୟକ, ପ୍ରଦୀପ ଗାଉଁଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚଙ୍କ ଧାରଣା



ଧାରଣାରେ ବସିଥିବା ସରପଞ୍ଚ ଏବଂ ଅନ୍ୟମାନେ।

ବିଷମକଟକ,୧୩।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଛି ଦିନ ହେଲା କାର୍ଯ୍ୟାଳୟରେ ଯୋଗ ଦେଉ ନ ଥିବାରୁ ବୁଧବାର ସରପଞ୍ଚ ନାମିତ କୁଲେଶିକା ଧାରଣାରେ ବସିଛନ୍ତି। ନିର୍ବାହୀ ଅଧିକାରୀ ଦୀର୍ଘଦିନ ଧରି ଅନୁପସ୍ଥିତି ରହୁଥିବାରୁ ପଞ୍ଚାୟତରେ ପାନୀୟ ଜଳ, ପରିମଳ ସମସ୍ୟା, ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଯୋଗାଇବା କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସେ ଆସୁ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ

**କାର୍ଯ୍ୟାଳୟକୁ ଆସୁନାହାନ୍ତି ପିଇଓ**

ବଢ଼ିବାରେ ଲାଗିଛି। ସମସ୍ୟାର ସମାଧାନ ନିମନ୍ତେ ସରପଞ୍ଚ ବାରମ୍ବାର ବିଷମକଟକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାର ସମାଧାନ କରାଯାଉ ନ ଥିବାରୁ ସରପଞ୍ଚ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବିଡିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧରଣା ଦେଇଥିଲେ। ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ବିଡିଓ କ୍ଷେତ୍ର ପରିଦର୍ଶନରେ ଯାଇଥିବା ବେଳେ ଖବର ପାଇ ସମିତି କାର୍ଯ୍ୟାଳୟରେ ପହଞ୍ଚି ଧାରଣାରତ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସରପଞ୍ଚ ଧାରଣାରୁ ଉଠିଛନ୍ତି। ସରପଞ୍ଚଙ୍କ ସହ ନମିତ କୃଷିକା, ସୁବୋଧ ପ୍ରଧନୀଙ୍କ ସମେତ ସ୍ଥାନୀୟ ଯୁବକମାନେ ଧାରଣାରେ ବସିଥିଲେ।

## କୋରାପୁଟରେ ଗୁରୁପୂର୍ଣ୍ଣିମା ଉତ୍ସବ



କୋରାପୁଟ,୧୩।୭(ସ୍ୱ.ପ୍ର.)

କୋରାପୁଟ ଡିଆଇ କାର୍ଯ୍ୟାଳୟ ନିକଟରେ ଥିବା ଶିରିଡି ସାଇଙ୍କ ମନ୍ଦିରରେ ଗୁରୁପୂର୍ଣ୍ଣିମା ଓ ମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଶିରିଡି ସାଇଙ୍କ ମନ୍ଦିରରେ ସକାଳୁ ସହରର ଶତାଧିକ ଶ୍ରଦ୍ଧାଳୁ ଭିଡ ଜମିଥିଲା। ମନ୍ଦିରରେ ଭୋର ୫ଟାରୁ ମନ୍ଦିରରେ ପୂଜାର୍ଚ୍ଚନା ସହ କଳସ ଅଭିଷେକ , ପ୍ରସାଦ ସେବନ, ଅପରାହ୍ଣରେ ୪ ଟାରେ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ କାକଡ ଆଳତି, ବିପ୍ରକ୍ଷେନ ପୂଜା , ପୁର୍ଣ୍ୟାହବାଚନ ପୂଜା, ପଞ୍ଚଗବ୍ୟପ୍ରାଶନ,ଅଗ୍ନି ପ୍ରତିଷ୍ଠା, ପଞ୍ଚାମୃତ, ମଣ୍ଡପ ଆରାଧନା ଆଦି କାର୍ଯ୍ୟକ୍ରମ ହୋଇଥିବା ଶିରିଡି ସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

## ରାୟଗଡ଼ାରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଆରଡିସି

ରାୟଗଡ଼ା ଅଫିସ,୧୩।୭

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ଦୁଇଦିନିଆ ରାୟଗଡ଼ା ଜିଲା ଗସ୍ତ କରି ବିଭିନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି। ପ୍ରଥମ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ସେକ୍ସନ ଯଥା ରାଜସ୍ୱ, ଉନ୍ନୟନ, ସ୍ଥାପନା, ଭୂ-ଅର୍ଜନ, ଜରୁରୀକାଳୀନ ବିଭାଗ, ନ୍ୟାୟିକ, ସାଧାରଣ ଓ ବିବିଦ୍ଧ, ଜିଲା ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ସ୍ୱଳ୍ପ ସଞ୍ଚୟ, ଜିଲା ମଙ୍ଗଳ ବିଭାଗ, ଅବକାରୀ, ଆଇଟିଡିଏ, ଯୋଗାଣ ବିଭାଗ ଆଦି ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ।

ପରିଦର୍ଶନ ବେଳେ ଜିଲାପାଳ ସ୍ୱଧା ଦେବ ସିଂଙ୍କ ସମେତ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଅନ୍ୱେଷା ଦାଶ, ପାମେଲା କର, ସହକାରୀ ଜିଲାପାଳ ସୁକାନ୍ତ ପ୍ରଧାନ, ଦିବାକର ପାତ୍ର, ଆଇଟିଡିଏ ପିଏ ପଦ୍ମ ଚରଣ ନାୟକ, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ଅବକାରୀ ଏସ୍‌ପି ଅଭିରାମ ବେହେରା, ଜିଲା ସଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବଚରଣ ନାୟକ, ଜିଲା ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର କଲ୍ୟାଣସିଂହପୁର ବ୍ଲକ ଗସ୍ତକରି ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ତହସିଲର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଓ ଯୋଜନା ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିସହ କର୍ମଚାରୀ ମାନଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରିଥିଲେ । ଏହି ସମୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, କଲ୍ୟାଣସିଂହପୁର ବିଡିଓ ତାପସ ଭୋଇ, ତହସିଲଦାର ସୁଧାକର ରାଇତ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲରେ ଅବାଧରେ ଚାଲିଛି ଗଛକଟା

ତେନ୍ତୁଲିଖୁଣ୍ଟି,୧୩।୭(ଡି.ଏନ୍.ଏ.)

- ପୋଡୁଚାଷ ପାଇଁ ସରିଲାଣି କ୍ଷେତ୍ର ପ୍ରସ୍ତୁତି
- ଗଛକଟା ବିଷୟ ନଜରକୁ ଆସିନି: ରେଞ୍ଜର
- ବନ ବିଭାଗ କାର୍ଯ୍ୟକୁ ନେଇ ପ୍ରଶ୍ନ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଅଞ୍ଚଳରେ ବିଭିନ୍ନ ଜଙ୍ଗଲରୁ ଅବାଧରେ ମୂଲ୍ୟବାନ୍ ଗଛକଟା ଚାଲିଛି। ସେହି ସ୍ଥାନରେ ଆଉ କିଛିଦିନ ମଧ୍ୟରେ ପୋଡୁଚାଷ ହେବ । ବର୍ଷା ପୂର୍ବରୁ ଜଙ୍ଗଲରେ ନିଆଁ ଲାଗିଥିବା ନେଇ ଖବର ପ୍ରକାଶ ପାଇଥିଲା। ସେତେବେଳେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲେ ଜଙ୍ଗଲ ନଷ୍ଟ ହେବା ବଦଳରେ ମୂଲ୍ୟବାନ୍ ଗଛ ବଞ୍ଚିଯାଇଥାନ୍ତା। ହେଲେ ଏବେ ଉକ୍ତ ସ୍ଥାନରେ ପୋଡୁ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି ସରିଛି। ତେଣୁ ବନ ବିଭାଗ ଜଙ୍ଗଲ କାଟି ପୋଡୁଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ସେହିପରି ବନ ବିଭାଗ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ତେନ୍ତୁଲିଖୁଣ୍ଟି ବ୍ଲକରେ ବନ ବିଭାଗ କାର୍ଯ୍ୟାଳୟ ରହିବା ସହ କର୍ମଚାରୀ ମଧ୍ୟ ରହିଛନ୍ତି। ଏମାନଙ୍କ ପାଇଁ



ଜଙ୍ଗଲରୁ ଗଛ କଟାଯାଇଛି।

ଘର ମଧ୍ୟ ରହିଛି। ହେଲେ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଦେଖା ମିଳୁନାହିଁ। ତେନ୍ତୁଲିଖୁଣ୍ଟି ବନ ବିଭାଗ ପକ୍ଷରୁ ହେଉଥିବା ଆମ ଜଙ୍ଗଲ ଯୋଜନା, ଏଫ୍‌ଡିଏ, କମ୍ପା, ସିଏ ଲାଣ୍ଡ, ଏମ୍‌ଜିଏନ୍‌ଆରଇଜିଏସ୍ ଓ ଅନ୍ୟ ଯୋଜନାରେ ବନୀକରଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ଆସୁଥିବା ଟଙ୍କାର ଦୁର୍ନୀତି କରାଯାଉଥିବା ଅଭିଯୋଗ ହେଉଛି। ଚେକ୍‌ଡ୍ୟାମ୍, ଚାରାରୋପଣ କରାଯାଇଥିବା କୁହାଯାଉଥିବାବେଳେ ଚାରାଗୁଡ଼ିକର ଠିକ୍ ଯତ୍ନ ଅଭାବରୁ ଅଧିକାଂଶ ଚାରା ନଷ୍ଟ ହେଲାଣି। ୩୦ ଏକର ଜମିରେ ଲଗାଇଥିବା ନେଇ ଫାଇଲ ପ୍ରସ୍ତୁତ କରାଯାଉଥିବାବେଳେ ମାତ୍ର ୧୦ ରୁ୧୫ ଏକର ଜମିରେ ଗଛ ଲଗାଇ କାମ ସାରିଦିଆଯାଉଛି। ସେହିପରି ମେଶିନରେ କାମ ହେଉଥିବାବେଳେ ଶ୍ରମିକଙ୍କ ନାମରେ ଆସୁଥିବା ଟଙ୍କା କୁଆଡ଼େ ଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବନୀକରଣ କାର୍ଯ୍ୟକ୍ରମରେ ତାରବାଡ଼, ଘାସଚକ୍ଟା, ପାଣିଦେବା, ଖତ ପ୍ରୟୋଗ, ବାଡ଼ ବୁଜିବା ପାଇଁ ଟଙ୍କା ଆସୁଥିବାବେଳେ ରାସ୍ତାପାର୍ଶ୍ୱରେ ଗୋଟିଏ ମଧ୍ୟ ଗଛ ନ ରହି ଖାଲି ତାରବାଡ଼ ଠିଆ ହୋଇଥିବା ନଜର ରହିଛି। ଏହି ସମସ୍ତ ବିଷୟକୁ ନେଇ ବନ ବିଭାଗ ଫରେଷ୍ଟର ଦାୟିତ୍ୱରେ ଥିବା ରିତେଶ କୁମାର ମାଝିଙ୍କୁ ପଚାରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଅଫିସ୍‌ରେ ତାଙ୍କର ଦେଖା ମିଳୁନାହିଁ। ସେହିପରି ରାସ୍ତାପାର୍ଶ୍ୱରେ ଚାରାରୋପଣ ଓ ଗଛକଟା ବିଷୟରେ ରେଞ୍ଜର ତଡ଼ିତ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ତାଙ୍କ ନଜରକୁ ଆସିନାହିଁ। ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

